(Email-tah.chandra-od@nic.in)

ତହସିଲଦାରଙ୍କ କାର୍ଯ୍ୟାଳୟ , ଚନ୍ଦ୍ରପୁର , ଜିଲ୍ଲା – ରାୟଗଡା

ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତିହାର

ବିଜ୍ଞପ୍ତି ସଂଖ୍ୟା- ୩୫ /୨୦୨୩ ତାରିଖ -୦୬/୦୧/୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚନ୍ଦ୍ରପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ( ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା 5 ବର୍ଷ ନିମନ୍ତେ ୨୦୨୨-୨୦୨୩ ଆର୍ଥିକ ବର୍ଷ ଠାରୁ ୨୦୨୬ -୨୦୨୭ ପର୍ଯ୍ୟନ୍ତ ଲିଜ ପାଇ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-୨୦୧୬ ଦ୍ୱାରା ପ୍ରଣିତ Form-M ପୂରଣ କରି 3ଟି କପି ସହ ନିମ୍ନ ଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଜ ଲଫାପାରେ ତହସିଲଦାର, ଚନ୍ଦ୍ରପୁର କର୍ଯ୍ୟାଳୟ ରେ କେବଳ ରେଜେଷ୍ଟ୍ରି / ସ୍ପୀଡ ପୋଷ୍ଟ (By Register/ Speed Post) ମାଧମରେ ଆବେଦନ କରିପାରିବେ ( ଲଫାପା ଉପରେ ସୈରାତ ଉତ୍ସ ନାମ ଲେଖଥିବା ଆବଶ୍ୟକ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପରାହ୍ନ ତଥା ତ-୨୫.୦୧.୨୦୨୩, ୦୧.୦୨.୨୦୨୩ ଏବଂ ୦୮.୦୧.୨୦୨୩ ରିଖ ଘ. ୦୫.୩୦ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମ କୁ ସ୍ଥଗିତ/ରଦ୍ଧ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ ତହସିଲଦାର ଚନ୍ଦ୍ରପୁର ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ** : -

1. ଦରଖାସ୍ତ ପାଉଣା ବାବଦ ଟ 1000ଙ୍କା (ଏକ ହଜାର ଟାଙ୍କ) (ଅଣଫେରସ୍ତ) ଟ୍ରେଜେରୀ ଚାଲାଣ ( Head of Account -0853- Non – Ferroys Metallurgical and minerals industries -102- Minerals concession Rent and Royalty ) ।

2. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସ ର ROR , Trace Map , Land Schedule ନକଲ ସଲଗ୍ନ କରିବେ ।

3. ଓଡିଶା ସରକାର ଙ୍କ ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନ ଥିବା / କଳା ତାଲିକା ଭୁକ୍ତ ହୋଇନଥିବା ସମନ୍ଧୀୟ ସତ୍ୟପାଠ ଦାଖଲ କରିବେ ଏବଂ ଯଦି ଓଡିଶା ର ଅନ୍ୟ କୌଣସି ସୈରାତ ଉତ୍ସ ନିଜ ନାମରେ ଥିବ ତାହାର ବିବରଣି ସଲଗ୍ନ କରିବେ ।

4. ଦରଖାସ୍ତ କାରୀ 18 ମାସ ଅବଧିରେ ଥାଇ ଏକ Bank Guarantee କିମ୍ୱା income tax return of previous financial year showing annual income for an amount not less than the amount of addl. Charges offered and the royalty payable for the minimum guaranteed quantity (MGQ) for on whole year ଦାଖଲ କରିବେ । ଯାହାର ସର୍ବନିମ୍ନ ମୂଲ୍ୟ ସୈରାତ ଉତ୍ସ ର ବାର୍ଷିକ ସର୍ବ ନିମ୍ନ ଧାର୍ଯ୍ୟ ଉତ୍ତଳନ ପରିମାଣ (Minimum Guaranteed Quantity )* (Royalty Additional Charges ) Fixed By Collector, Rayagada + Additional Charges Offered By the Participants)

ହେବା ଆବଶ୍ୟକ । Annexure-1 କ୍ରମଅନୁସାରେ ସୈରାତ ଉତ୍ସ ଗୁଡିକ ନିଲାମ କରାଯିବ । ଦରଖାସ୍ତ କାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାଇ ଉପୋରକ୍ତ ହିସାବ ଅନୁସାରେ Income Tax Return କିମ୍ବା ବ୍ୟାଙ୍କ guarantee ମୂଲ୍ୟକୁ ଗ୍ରହଣ କରାଯିବ ।

5. ଲିଜଧାରୀ ନୋଟିସ ମଧରେ ଉଲ୍ଲେଖ କରିଥିବା ସୈରାତ ଉତ୍ସ ର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣ ର ରୟ୍ୟାଲ୍ଟୀ ଏବଂ ଅତିରିକ୍ତ ଦାବି (Additional Charges) ର 5% Demand Draft ତହସିଲଦାର ଚନ୍ଦ୍ରପୁର ନାମରେ ଅମାନତ ରାସୀ Form-M ସହ ସଲଗ୍ନ କରିବେ ଏବଂ ମନୋନିତ ଲିଜ ଧାରୀ 15 ଦିନ ମଧରେ OMMC Rule -2016 ରୁଲ 27 ର ଉପଧାରା -7 ଧାରା ଅନୁଯାଇ ବଳକା ଅମାନତ ରାସୀ ପଇଠ କରିବେ ।

6. ଅନ୍ୟାନ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଇଷୟିକ ଜ୍ଞାନ , ଦକ୍ଷତା , ନିଜର ଉପଲବ୍ଧ ଥିବା ଯନ୍ତ୍ର ପାତି ଓ ଆର୍ଥିକ ଅବସ୍ଥା ସମ୍ବଧୀୟ ଇତ୍ୟାଦି ତଥ୍ୟ ସମସ୍ତ ଦସ୍ତାବିଜ ଗୁଡିକରେ ନୀଲମଧାରୀଙ୍କ ହସ୍ତାକ୍ଷର ବା ଟିପ ଚିହ୍ନ ସହ form-M ରେ ଉପୋରକ୍ତ ନମ୍ବର ପ୍ରକାରେ କ୍ରମନୟରେ ସଲଗ୍ନ କରଯିବା ଜରୁରୀ ।

7. ଆବେଦନ କାରୀ ଭୋଟ ପରିଚୟ ପତ୍ର / ଆଧାର କାର୍ଡ / ପାନ କାର୍ଡ ସଲଗ୍ନ କରିବେ ଆଇଟି ରୀଟର୍ନ (Last One Year)/ Copy of GST No ସଲଗ୍ନ କରିବେ ।

8. ଦରଖାସ୍ତ କାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବ ରୁ ଉକ୍ତ ଉସ୍ତ କୁ ପରିଦର୍ଶନ କରିବାର ଏବଂ ଲଘୁ ଖଣିଜ ଦ୍ରବ୍ୟ ଗଛିତ ଥିବା ଓ ଯାତାୟାତ ନିମନ୍ତେ କୌଣସି ଅସୁବିଧା ନଥିବା ଉପଲବ୍ଧି କରିବାର ଏକ ସ୍ୱଘୋଷିତ ଲିଖିତ ନାମା ( Self Declaration) ଦାଖଲ କରିବେ ।

9. ଦରଖାସ୍ତ କାରୀ ସୈରାତ ଉତ୍ସ ର Mining Plan Preparation & , E.C. Preparation & Sairat Advertizing Cost ର ସମସ୍ତ ଖର୍ଚ ବହନ କରିବା ନେଇ ଏକ ସତ୍ୟ ପାଠ ଦାଖଲ କରିବେ ।

10. ଦରଖାସ୍ତ କାରୀ ଦରଖାସ୍ତ ଲଫାପାରେ ର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକରୀ ନାମ , ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ।

11.ଆବଶ୍ୟକ ସ୍ଥଳେ ଯଦି ସୈରାତ ଉତ୍ସ ର ପରିବର୍ତନ କରିବା ଆବଶ୍ୟକ ହୁଏ ତେବେ ଦରଖାସ୍ତକାରୀ ସୈରାତ ଉତ୍ସ ର Revised Mining Plan ର ସମସ୍ତ ଖର୍ଚ ବାବଦ ମୂଲ୍ୟ ଦେବା ପାଇଁ ସତ୍ୟପାଠ ଦାଖଲ କରିବେ ।

**ବିଶେଷ ସର୍ତ୍ତାବଳୀ**

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସୋଂଶୋଧିତ ନିୟମାବଳୀ ୨୦୧୬ OMMC (Amendment) Rules- ୨୦୧୬ ଏବଂ ତହସିଲ ହିସାବ ପ୍ରକରଣ ପୁସ୍ତିକା Manual of Tahasil Account ର ପରିସରଭୁକ୍ତ ରହିବେ ।

2. ପ୍ରଚଳିତ ନିୟମାବଳୀ ଅନୁଯାଇ ଅତିରିକ୍ତ ( ADDITIONAL CHARGES ) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି ଏକ ରୁ ଅଧିକ ଦରଖାସ୍ତ କାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧମରେ ଲିଜ ଧରି ଚୟନ କରାଯିବ ।

3. ଲିଜଧାରୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ଵାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ସତ ଦିନ ମଧରେ ନଗଦ ଟଙ୍କା , Bank Draft ଆକାରରେ ତହସିଲଦାର ଚନ୍ଦ୍ରପୁର ନିକଟରେ ଦାଖଲ କରିବେ ।

4. ଖଣିରେଖାଙ୍କରେ ଦର୍ଶଯାଇଥିବା ଗଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧରିଙ୍କ ଦ୍ଵାରା ପ୍ରଦାନ କରଜିଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥ କୁ ପରିବେଶ ମଞ୍ଜୁରୀ ( Environment Clearance ) ଆଣିସରିଲାପରେ ପଇଠ ହେଲା ପରେ ୧୯୦୮ ଓ ୧୮୯୯ ଷ୍ଟାମ୍ପ ଆକ୍ଟ ଅନୁଯାଇ ଚୁକ୍ତିପତ୍ର (lease deed) ସଂମ୍ପାଦନ କରିବେ ।

5. ଲିଜଧାରୀ ଏକ ବର୍ଷ ର ଲଘୁ ଖଣିଜ ଦ୍ରବ୍ୟ ଉତ୍ତଳନ ପାଇଁ ହେବାକୁଥିବା Royalty ଓ Additional Charges ଓ environmental Management Fund ର ସମତୁଲ୍ୟ ଅର୍ଥର ଏକ ଚତୁର୍ଥାଂଶ ( ଅମାନତ ଅର୍ଥ ବାଦ ଦେଇ ) Form-F ରେ ସୂଚନା ପାଇବାରେ ୧୫ ଦିନ ମଧରେ ଦାଖଲ କରିବେ ଯାହାକି ସୁଧ ମୁକ୍ତ ଜମାନତ ଭାବେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ଲିଜ ଅବଧିର ପରିସମାପ୍ତି ପର୍ଯ୍ୟନ୍ତ ରହିବା ।

6. ଯଦି ସର୍ବୋଚ୍ଚ ରାଜଭାଗ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧରେ ଅମାନତ ରାସୀ ଦାଖଲ କରିବାର ଖିଲାପ କରନ୍ତି ତାହାହେଲେ ଦିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନୟରେ ସୁଯୋଗ ଦିଆଯିବ ।
7. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରାଜଭାଗ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

8. ନିଲାମଧାରୀ ମାନେ OMMC ( Amendment ) Rules -୨୦୧୬ ର ସମସ୍ତ ସର୍ତ୍ତାବଳୀ ମଣିବା ନିମନ୍ତେ ବାଧ ହେବେ ।

9. ଲିଜଧାରୀ ଜମାର ( ରାଜଭାଗ (Royalty ) + ଅତିରିକ୍ତ ଦେୟ (Additional Charges ) + ଏକ ବର୍ଷ ମଧ୍ୟରେ ଉତ୍ତଳନ ହେବାକୁ ଥିବା ସର୍ବନିମ୍ନ ପରିମାଣର ଲଘୁ ଖଣିଜ ପଦାର୍ଥ (MGQ) ର ୨% ଅର୍ଥ ଆୟକର ବାବଦକୁ ୧୦% ଅର୍ଥ DISTRICT MINERAL FOUNDATION (DMF) ୫% ଅର୍ଥ COPMETNESORY AFFORSTATION (CA) ଏବଂ ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ ।

10. ଦରଖାସ୍ତକାରୀ Mines Act- ୧୯୫୨ ଏବଂ Explosive Act- ୧୯୮୪ ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

11. ଲିଜଧାରୀ ମାଇନିଙ୍ଗ ପ୍ଲାନ ତଥା ପରିବେଶ ମଞ୍ଜୁରୀ ପାଇଁ ପ୍ରସ୍ତୁତି ହୋଇଥିବା ଅର୍ଥ ପଇଠ କରିବେ ।

12. ସମ୍ବାଦ ପାତ୍ର ରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରୀ ବହନ କରିବେ ।

13. ଯଦି କୌଣସି ସୈରାତ ଉତ୍ସ ନିମନ୍ତେ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବା , ତେବେ ସେହି ଉତ୍ସ ପାଇ ନିଲାମ କରାଯିବ ନହିଁ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ସେହି ଉତ୍ସ ଗୁଡିକ ପୁନଶ୍ଚ ସାରଣୀ ଅନୁଯାଇ ପରବର୍ତ୍ତି ନିଧାରିତ ତାରିଖ ଓ ସମୟ ରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ର ସମସ୍ତ କାର୍ଯ୍ୟ ଦିବସ ରେ (ଛୁଟି ଦିନ ବ୍ୟତୀତ ) ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ତଥ୍ୟ www.rayagada.nic.in ରେ ଉପଲବ୍ଧି ରହିଛି । ଯଦି ଉକ୍ତ ଇସ୍ତିହାର ରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ କରିବାର କ୍ଷମତା ଖ୍ୟମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ରହିଛି ।

ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରଯାଇଛି ସୈରାତ ଉତ୍ସ ଗୁଡିକ ସମ୍ପୂର୍ଣ ବିବରଣୀ ଏଥିସହ ସଲଗ୍ନ କରାଯାଇଛି ।

| | |
|---|---|
| ନିଲାମ ସ୍ଥାନ- | ତହସିଲ କାରର୍ଯ୍ୟାଳୟ, ଚନ୍ଦ୍ରପୁର |
| ଧାର୍ଯ୍ୟ ତାରିଖ ଓ ସମୟ | ପ୍ରଥମ ପର୍ଯ୍ୟାୟ ତା- ୨୫.୦୧.୨୦୨୩ ରିଖ ଦିବା 11.00 ଘଣ୍ଟିକା<br>ଦ୍ୱିତୀୟ ପର୍ଯ୍ୟାୟ ତା- ୦୧.୦୨.୨୦୨୩ ରିଖ ଦିବା 11.00 ଘଣ୍ଟିକା<br>ତୃତୀୟ ପର୍ଯ୍ୟାୟ ତା- ୦୮.୦୨.୨୦୨୩ ରିଖ ଦିବା 11.00 ଘଣ୍ଟିକା |

6/1/23

**ତହସିଲଦାର, ଚନ୍ଦ୍ରପୁର**

ବିଜ୍ଞପ୍ତି ସଂଖ୍ୟା. ୩୬/୨୦୨୩ ତାରିଖ ୦୬.୦୧.୨୦୨୩

ଏହାର ଏକାକିତା ନକଲ ରାଜସ୍ୱ ନିରିକକ୍ଷ ଙ୍କୁ ପ୍ରେରଣ କରାଗଲା ଏବଂ ସେମାନଙ୍କୁ ନିର୍ଦ୍ଧେଶ କାରଗଲା ଯେ ସେମାନେ ଏହି ବିଜ୍ଞାପନ ର ଏକାକିତା ନକଲ ନିଜ ନିଜ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଅକକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଧେଣ୍ଡୁରି ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କୀଟ ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷର କାରୀଙ୍କୁ ଧାର୍ଯ୍ୟ ତାରିଖ ୧୫ ଦିନ ପୂର୍ବରୁ ପ୍ରେରଣ କରିବେ ।

ତହସିଲଦାର, ଚନ୍ଦ୍ରପୁର

ବିଜ୍ଞପ୍ତି ସଂଖ୍ୟା. ୩୭/୨୦୨୩ ତାରିଖ ୦୬.୦୧.୨୦୨୩

ଏହାର ଏକାକିତା ନକଲ ଜିଲ୍ଲାପାଳ, ରାୟଗଡା, ଉପଜିଲ୍ଲା ପାଳ, ରାୟଗଡା ମହୋଦୟ ଙ୍କ ଗୋଚରାର୍ଥେ ଏବଂ ବିହିତ କାର୍ଯ୍ୟାଅନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତ ନକଲ District Information Officer, NIC, ରାୟଗଡାଙ୍କୁ ଦିଆଗଲା ଏବଂ ଜିଲ୍ଲା ୱେବସାଇଟରେ ଏହି ବିଜ୍ଞାପନ ପ୍ରସାରଣ କରିବାପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା / ଗୋଷ୍ଠୀ ଉନୟନ ଅଧିକାରୀ, ଚନ୍ଦ୍ରପୁର ଙ୍କୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ ସରବସାଧରଣଙ୍କ ଗୋଚରାର୍ଥେ ଲାଟକାଇବାପାଇଁ ପ୍ରେରଣ କରାଗଲା ।

ତହସିଲଦାର, ଚନ୍ଦ୍ରପୁର

ଜ୍ଞାପକ ସଂଖ୍ୟା. ୩୮/୨୦୨୩ ତାରିଖ ୦୬.୦୧.୨୦୨୩

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ, ସମସ୍ତ ରାଜସ୍ୱ ନିରୀକକ୍ଷ କାର୍ଯ୍ୟାଳୟ କୁ ପ୍ରେରଣ କରାଗଲା ।

ତହସିଲଦାର, ଚନ୍ଦ୍ରପୁର

(Email-tah.chandra-od@nic.in)

# ତହସିଲଦାର କାର୍ଯ୍ୟାଳୟ , ଚନ୍ଦ୍ରପୁର , ଜିଲ୍ଲା – ରାୟଗଡା

## ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତିହାର

**ବିଜ୍ଞପ୍ତି ସଂଖ୍ୟା ୩୯/୨୦୨୩** **ତାରିଖ -୦୬.୦୧.୨୦୨୩**

ଏତତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚନ୍ଦ୍ରପୁର ତହସିଲ ର ଏକ ଗୋଟି ସୈରାତ ଉତ୍ସ ଗୁଡିକ ଦୀର୍ଘ ମିଆଦି ଲିଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତବକ ପାଞ୍ଚ ବର୍ଷ ନିମନ୍ତେ (୨୦୨୨-୨୩ ଠାରୁ ୨୦୨୬-୨୭ ) ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ତଥା, ବିଜ୍ଞାପନ, ସରତବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.in ରେ଼ ଉପଲବ୍ଧ କରାଯାଇଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନ ରେ ଦର୍ଶଯାଇଥିବା Form-M ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକ ଯୋଗେ ନିର୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ ।

ନିଲାମ ସ୍ଥାନ- ତହସିଲ କାରର୍ଯ୍ୟାଳୟ, ଚନ୍ଦ୍ରପୁର

ଧାର୍ଯ୍ୟ ତାରିଖ ଓ ସମୟ- ପ୍ରଥମ ପର୍ଯ୍ୟାୟ ତା- ୨୫.୦୧.୨୦୨୩ ରିଖ ଦିବା ୧୧.00 ଘଣ୍ଟିକା

ଦ୍ୱିତୀୟ ପର୍ଯ୍ୟାୟ ତା- ୦୧.୦୨.୨୦୨୩ ରିଖ ଦିବା ୧୧.00 ଘଣ୍ଟିକା

ତୃତୀୟ ପର୍ଯ୍ୟାୟ ତା- ୦୮.୦୨.୨୦୨୩ ରିଖ ଦିବା ୧୧.00 ଘଣ୍ଟିକା

ତହସିଲଦାର, ଚନ୍ଦ୍ରପୁର

ANEXXURE-I

| କ୍ରମିକ ସଂଖ୍ୟା | ଲଘୁ ଖଣିଜ ଉତ୍ସ ର ନାମ | ମୌଜା | ଖାତା | ଖସଡା | ରକବା ଏକର ରେ | କିସମ | ଲଘୁ ଖଣିଜ ର ନାମ | ଲଘୁ ଖଣିଜ ପଦାର୍ଥ ର ସର୍ବନିମ୍ନ ରାଜସ୍ୱ (per CM)ଟଙ୍କାରେ | ଅତିରିକ୍ତ ଦେୟ (per CM) ଟଙ୍କା ରେ | MGQ per year in Cum(*) | ଅଗ୍ରୀମ ପଇଠ କରିବାକୁ ଥିବା ଅମାନତ ରାଶି ଡ଼ଓ ପରିମାଣ ଟଙ୍କା |
|---|---|---|---|---|---|---|---|---|---|---|---|
| 1. | Dangasoroda Stone Quarry | Dangasoroda | 51 | 253/1 | 8.00 ac | Pahada | Stone | 130.00 | 50.00 | 3045.00 | 27405.00 |
| 2. | Dilagudi Stone Quarry | Dilagudi | 14 | 210 | 10.00 ac | Pahada | Stone | 130.00 | 50.00 | 2030.00 | 18,270.00 |
| 3. | Dimirigudi Murrum Quarry | Dimiriguda | 3 | 23 | 2.23 ac | Pahada | Murrum | 35.00 | 10.00 | 1000.00 | 2250.00 |

ବି. ଦ୍ର: - ତାରକା ଚିହ୍ନିତ ସଂଖ୍ୟା ଗୁଡିକ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି ।

ତହସିଲଦାର, ଚନ୍ଦ୍ରପୁର